## ସଂକ୍ଷେପରେ

### ଆତ୍ମଘୋଷିତ ଖବରଦାତାଙ୍କ ନାଁରେ ମାମଲା

ବ୍ରହ୍ମପୁର,୧୭।୫(ସୁବାସ ଚନ୍ଦ୍ର ପାଢ଼ୀ): ନିଜକୁ ଜଣେ ଖବରଦାତା ପରିଚୟ ଦେଇ ବ୍ରହ୍ମପୁରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କୁ ବଟି ମାଗୁଥିବା ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି। ୨ ଦିନ ତଳେ ଜିଲା ଶ୍ରମ କାର୍ଯ୍ୟାଳୟରେ ୨ ଜଣ ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଓ ରବିନ୍ଦ୍ରନାଥ ତ୍ରିପାଠୀ କାର୍ଯ୍ୟରତ ଥିବା ବେଳେ ସୁଦର୍ଶନ ପରିଡା ନାମକ ଜଣେ ବ୍ୟକ୍ତି ନିଜକୁ ଖବରଦାତା ପରିଚୟ ଦେଇ ଭିତରରେ ପଶିଥିଲେ। ସେ ଶ୍ରମ ଅଧିକାରୀ ତ୍ରିପାଠୀଙ୍କୁ ବଟି ମାଗି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ବାହାରକୁ ଯିବାକୁ ବାରମ୍ବାର କରିବାରୁ ସେ ଶ୍ରମ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ପରେ ସେହି କାର୍ଯ୍ୟାଳୟର କର୍ମଚାରୀମାନେ ପୋଲିସକୁ ଫୋନ କରି ସୂଚନା ଦେଇଥିଲେ। ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ.୧୬୮/୨୪ ରେ ମାମଲା ରୁଜୁ ହୋଇଛି।

### ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର, ୧୭।୫(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ନିମଖଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ସାଲେପୁରର ସୌମ୍ୟ ରଞ୍ଜନ ଦାଶ(୨୫)। ସ୍ୱାମୀଙ୍କ ଠାରୁ ଅଲଗା ହୋଇ ରହୁଥିବା ମହିଳା ଜଣଙ୍କ ଏକ ଘରୋଇ ନର୍ସିଂହୋମରେ ନର୍ସ ଥିଲେ। ସେଠାରେ ସୌମ୍ୟ ମଧ୍ୟ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୌମ୍ୟ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଲୋଚାପଡା ଅଞ୍ଚଳରେ ଏକ ଘର ଭଡ଼ା ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସୌମ୍ୟ କାର କିଣିବା ପାଇଁ ମହିଳାଙ୍କୁ କହିଥିଲେ। ସେ ଅନ୍ୟ ଜିଲାର ହୋଇଥିବାରୁ ମହିଳାଙ୍କ ନାଁରେ ବ୍ୟାଙ୍କ ଲୋନ ନେଇ କାର କିଣିଥିଲେ। ସୌମ୍ୟଙ୍କ ପାଇଁ ମହିଳା ଜଣଙ୍କ ମଧ୍ୟ ୧୦ ଲକ୍ଷ ଟଙ୍କା ଋଣ କରିଥିଲେ। ୩ ବର୍ଷ ଧରି ସୌମ୍ୟ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଉକ୍ତ ନର୍ସିଂହୋମର ଅନ୍ୟ ଏକ ଝିଅକୁ ଧରି ଚାଲିଯାଇଥିଲେ। ଋଣରେ ଆଣିଥିବା କାର ବି ନେଇଯାଇଥିଲେ। ମହିଳା ଫୋନ କଲେ ସୌମ୍ୟ ବିବାହ କରିବାକୁ ମନା କରି ହତ୍ୟା ଧମକ ଦେଇଥିଲେ। ପ୍ରତାରଣାର ଶିକାର ମହିଳା ଜଣଙ୍କ ଗତବର୍ଷ ଅକ୍ଟୋବରରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୨୦/୨୩ରେ ମାମଲା ରୁଜୁ କରିଥିଲା।

### ଭାଜପାର ମିଶ୍ରଣ ପର୍ବ

ପୋଲସରା,୧୭।୫(ସୁବ୍ରତ ବେହେରା): ପୋଲସରା ବ୍ଲକ ଚିରିକିପଡା ଶାସନ ପଞ୍ଚାୟତରେ ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ସସ୍ମିତା ମଲ୍ଲିକ ସମର୍ଥକମାନଙ୍କ ସହ ମିଶି ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ପରେ ପଥପ୍ରାନ୍ତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଗ୍ରାମର ମହିଳାମାନଙ୍କ ମୌଳିକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଏହି ସମୟରେ ଚିରିକିପଡ଼ା ଶାସନ ପଞ୍ଚାୟତର ୧୭ ୱାର୍ଡ ସଭ୍ୟାସଭ୍ୟ ବିଜେଡ଼ି ଛାଡି ଭାଜପାରେ ମିଶିଥିଲେ। ପ୍ରଚାର ଅଭିଯାନରେ ଘୁମୁସର ଜିଲା ଉପସଭାପତି ପ୍ରଭାକର ପଣ୍ଡା, ରଘୁନାଥ ପ୍ରଧାନ, ସୁନୀଲ ପାଢ଼ୀ, ବବୁଲ ନାୟକ, ସୁରେନ୍ଦ୍ର ବରାଡ, ସନ୍ତୋଷ ବିଶ୍ୱାଳ, ଆରତି ଦେବୀ, ରଞ୍ଜିତ ସ୍ୱାଇଁ, ମମତା ପ୍ରଧାନ, ସଙ୍ଗିତା ରାଉତଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ।

# ୭ ଦିନ ହେଲା ପାଣି ପାଇଁ କଳବଳ

ବ୍ରହ୍ମପୁର,୧୭।୫(ସୁବାସ ଚନ୍ଦ୍ର ପାଢ଼ୀ):

**ବିଭାଗର ଦୃଷ୍ଟି ନାହିଁ, ଲାଠିରେ ବଢୁଛି ଅସନ୍ତୋଷ**

କୁକୁଡାଖଣ୍ଡି ବ୍ଲକ ଲାଠି ଗ୍ରାମରେ ୭ ଦିନ ହେଲା ପାଣି ପାଇଁ ଲୋକେ କଳବଳ ହେଉଛନ୍ତି। ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଏଥିପ୍ରତି ଦୃଷ୍ଟି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଲାଠି ପଞ୍ଚାୟତର ଲାଠି ଗ୍ରାମରେ ପ୍ରାୟ ୫ ହଜାର ଲୋକ ବସବାସ କରୁଛନ୍ତି। ଗାଁରେ ଥିବା ପୋଖରୀର ପାଣି ସବୁବେଳେ ଦୂଷିତ ରହୁଛି। ଗାଁ ନିକଟ ଦେଇ ଯାଇଛି ସାପୁଆ ନଦୀ ବି ଦୂଷିତ। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଜଳ ଜୀବନ ମିଶନ ପାଣ୍ଠିରେ ସ୍ୱଜଳଧାରା ଯୋଜନାରେ ୨ଟି ପ୍ରକଳ୍ପ ନିର୍ମାଣ କରିଛି। ଦୁଇଟି ଓଭରହେଡ ଟାଙ୍କି ରହିଛି। ଦିନେ ଛାଡି ଦିନେ ପାଣି ଯୋଗାଇ ଦିଆଯାଉଛି। ତାହା ମଧ୍ୟ କେତେବେଳେ ପାଣି ଆସିବ ଓ କେତେ ସମୟ ଦିଆଯିବ ତାହା ନିର୍ଦ୍ଧାରିତ ହୋଇନାହିଁ। ତେଣୁ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କେବଳ ସମସ୍ତଙ୍କ ଦାଣ୍ଡରେ ଯାହା ଗୋଟିଏ ଗୋଟିଏ ଷ୍ଟାଣ୍ଡପୋଷ୍ଟ ରହିଛି। ସେଥିରୁ ଲୋକେ ବୋହି ପାଣି ନେଉଛନ୍ତି। ସବୁଠୁ ବଡ କଥା ହେଲା



ଲାଠି ଗ୍ରାମରେ ଥିବା ଓଭରହେଡ ଟାଙ୍କି।

ପାଣି ବିଶୋଧନ ହେଉନାହିଁ। ଗଭୀର ନଳକୂପରୁ ଓଭରହେଡ ଟାଙ୍କି ଓ ସେଠାରୁ ସିଧାସଳଖ ଲୋକଙ୍କୁ ପାଇପ ଦ୍ୱାରା ପାଣି ଯୋଗାଇ ଦିଆଯାଉଛି। ପ୍ରକଳ୍ପ ନିର୍ମାଣରେ ତ୍ରୁଟି ଯୋଗୁ କେଉଁ ଅଞ୍ଚଳରେ ପାଣି ଭାସୁଛି ତ ଆଉ କେଉଁ ଅଞ୍ଚଳକୁ ପାଣି ଆସୁଥିଲେ ବି ପର୍ଯ୍ୟାପ୍ତ ନୁହେଁ। ଦୁଇଟି ଟାଙ୍କିରୁ ଗୋଟିଏ କାମ କରୁଥିବାବେଳେ ଆଉ ଗୋଟିଏ କାମ କରୁନି। ସପ୍ତାହେ ହେଲା ଏଭଳି ଅସୁବିଧା ହେଉଥିଲେ ବି ଏହାର ସମାଧାନ ହେଉନାହିଁ। ଏ ସଂକ୍ରାନ୍ତରେ ଗ୍ରାମବାସୀ ଅନେକ ଅଭିଯୋଗ କରୁଥିଲେ ବି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ପାଇପ ବିଛାରେ ତ୍ରୁଟି ଯୋଗୁ ଏଭଳି ହେଉଥିବା ଦର୍ଶାଇ ଏହାର ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗାଁର କଳେବର ବୃଦ୍ଧି ପାଇଥିବାରୁ ଏବେ ପୁଣି ଏକ ପ୍ରକଳ୍ପ ନିର୍ମାଣ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୦୨୨ ଏପ୍ରିଲ ୧୯ ତାରିଖରେ ଠିକାଦାରଙ୍କ ସହିତ ଏନେଇ ଚୁକ୍ତି ହୋଇଛି। ଜଳ ଜୀବନ ମିଶନ ଦ୍ୱାରା ୩୪୩ ଲକ୍ଷ ୭୨ ହଜାର ଟଙ୍କା ଏହି ପ୍ରକଳ୍ପରେ ବିନିଯୋଗ ହୋଇଛି। ୧ ଲକ୍ଷ ଓ ୧.୫୦ ଲକ୍ଷ ଲିଟର ବିଶିଷ୍ଟ ୨ଟି ଓଭରହେଡ ଟାଙ୍କି ସହିତ ୧୨ କିମି ପାଇପ ବିଛାଯାଇ ପ୍ରକଳ୍ପରୁ ୧,୪୫୦ ଘରକୁ ପାଣି ଯୋଗାଇଦେବା ଲକ୍ଷ୍ୟ ରହିଛି। କିନ୍ତୁ ଏଯାଏଁ ପ୍ରକଳ୍ପ କାର୍ଯ୍ୟ ସରି ନ ଥିବା ବିଭାଗୀୟ ରେକର୍ଡରୁ ଜଣାପଡିଛି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ସଚିନନ୍ଦନ ବିଷୋୟୀଙ୍କୁ ପଚାରିବାରୁ ସେ ପାଣି ମିଳୁ ନ ଥିବା ବିଷୟରେ ଅବଗତ ନ ଥିଲେ ଓ କେଉଁଠି ତ୍ରୁଟି ରହିଛି ତାହାକୁ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡର ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପତିଙ୍କୁ ପଚାରିବାରୁ ସେ କହିଲେ ଯେ, ସମସ୍ତଙ୍କୁ ଜଳ ଯୋଗାଇବା ଆମର ଦାୟିତ୍ୱ। ଏନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କହି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଚେକ୍ ବାଉନ୍ସ ମାମଲା
# ଆବେଦନକାରୀଙ୍କୁ ୪୪ ଲକ୍ଷ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୭।୫(ସୁବାସ ଚନ୍ଦ୍ର ପାଢ଼ୀ): ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲଆର) ସନ୍ଦୀପ କୁମାର ମହାନ୍ତି ଶୁକ୍ରବାର ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ଅଭିଯୁକ୍ତା ଭୁବନେଶ୍ୱରୀ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆବେଦନକାରୀଙ୍କୁ ୪୪ ଲକ୍ଷ ଟଙ୍କା ଦେବା ପାଇଁ ମାଜିଷ୍ଟ୍ରେଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ନ ଦେଲେ ୬ ମାସ ଜେଲ ଭୋଗିବା ପାଇଁ ନିର୍ଦ୍ଦେଶ ରହିଛି। ବଡ଼ବଜାର ଥାନା ଅନ୍ତର୍ଗତ ରଙ୍ଗୁଣିବନ୍ଧସାହିର ବିରଞ୍ଚି କୁମାରୀ ଦଳାଇଙ୍କର ୨୦୧୬ରେ ଲୋଚପଡାର ଭୁବନେଶ୍ୱରୀଙ୍କ ସହ ବ୍ରହ୍ମପୁର ମୁଖ୍ୟ ଡାକ ଘରେ ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା। ଭୁବନେଶ୍ୱରୀ ତାଙ୍କ ଘର ବିକ୍ରି ପାଇଁ ବିରଞ୍ଚିଙ୍କୁ କହିଥିଲେ। ବିରଞ୍ଚି ଉକ୍ତ ଘର କ୍ରୟ ପାଇଁ ଭୁବନେଶ୍ୱରୀଙ୍କୁ ୨୦୧୬ ଏପ୍ରିଲ ୪ ତାରିଖରେ ଅଗ୍ରୀମ ୨୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଘର ବିକାକିଣା ହୋଇ ନ ଥିଲା। ବିରଞ୍ଚି ବାରମ୍ବାର ଟଙ୍କା ମାଗିବାରୁ ଭୁବନେଶ୍ୱରୀ ୨୨ଲକ୍ଷ ଟଙ୍କାର ଦୁଇଟି ଚେକ ତାଙ୍କୁ ଦେଇଥିଲେ। ଚେକ୍ ବ୍ୟାଙ୍କରେ ଜମା କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ବିରଞ୍ଚି ଏ ନେଇ ଭୁବନେଶ୍ୱରୀଙ୍କ ନିକଟକୁ ଓକିଲ ନୋଟିସ ପଠାଇଥିଲେ। ଏଥିପ୍ରତି ସେ ଦୃଷ୍ଟି ନ ଦେବାରୁ କୋର୍ଟରେ ଦୁଇଟି ୱାନ୍ ସିସି ମାମଲା ଦାୟର କରିଥିଲେ। ଉକ୍ତ ମାମଲାର ବିଚାର ବେଳେ ଭୁବନେଶ୍ୱରୀ କୋର୍ଟରେ ଅନୁପସ୍ଥିତ ରହିଥିଲେ। କୋର୍ଟ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲେ। ପରେ ସେ କୋର୍ଟରେ ହାଜର ହୋଇ ଜାମିନରେ ଯାଇଥିଲେ। ମାମଲାର ବିଚାର ବେଳେ ସାକ୍ଷୀଙ୍କ ବୟାନକୁ ଆଧାର କରି ମାଜିଷ୍ଟ୍ରେଟ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ରମେଶ ଚନ୍ଦ୍ର ପ୍ରଧାନ ଓ ଆବେଦନକାରୀଙ୍କ ପକ୍ଷରୁ ରମେଶ ଚନ୍ଦ୍ର ନାହାକ ମକଦ୍ଦମା ପରିଚାଳନା କରୁଥିଲେ।

# ଭାଜପାର ବାଇକ୍ ଶୋଭାଯାତ୍ରା



ବୁଗୁଡା, ୧୭।୫(କାଳିଚରଣ ଦାଶ) ବୁଗୁଡ଼ାରେ ଭାଜପା ପକ୍ଷରୁ ଶୁକ୍ରବାର ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯାଇଛି। ବ୍ରହ୍ମପୁରର ପୂର୍ବତନ ଏମ୍‌ପି ତଥା ସିନେ ତାରକା ସିଦ୍ଧାନ୍ତ ମହାପାତ୍ର, ଓଡ଼ିଆ ସିରିୟଲ ଅଭିନେତ୍ରୀ ଏମ୍. ସଞ୍ଜୁ, ପୂର୍ବତନ ବିଧାୟକ ସିମାଞ୍ଚଳ ବେହେରା ଓ ଘୁମୁସର ସାଂଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡାଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତାଙ୍କ ଗହଣରେ ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ବୁଗୁଡା ଉପକଣ୍ଠସ୍ଥ ସନ୍ତୋଷୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ଏନ୍‌ଏସିର ବିଭିନ୍ନ ସାହି ପରିକ୍ରମା କରିଥିଲେ। ବିଧାୟକ ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ବିପୁଳ ଭୋଟରେ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବୁଗୁଡାର ଆଇନଜୀବୀ ସିମାଞ୍ଚଳ ନନ୍ଦ ବିଜେଡି ଛାଡି ସମର୍ଥକମାନଙ୍କ ସହ ଭାଜପାରେ ମିଶିଥିଲେ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ୫୦ରୁ ଅଧିକ ପରିବାର



ଏସପିଙ୍କୁ ସାକ୍ଷାତ କରିବାକୁ ଆସିଥିବା ବାସନ୍ଦ ପରିବାର।

ବ୍ରହ୍ମପୁର,୧୭।୫(ସୁବାସ ଚନ୍ଦ୍ର ପାଢ଼ୀ): ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ହଳଦିଆ ବୈଶ୍ୟ ତୈଳିକ ସମାଜର ୫୦ରୁ ଅଧିକ ପରିବାର ପ୍ରାୟ ୨ ବର୍ଷ ହେବ ସାମାଜିକ ବାସନ୍ଦର ଶିକାର ହୋଇଛନ୍ତି। ନ୍ୟାୟ ଦାବିରେ ସେମାନେ ଶୁକ୍ରବାର ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୈଳିକ ସମାଜ ପକ୍ଷରୁ ସେମାନଙ୍କୁ ବାସନ୍ଦ କରାଯାଇଛି। କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ କି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ କରାଯାଉନାହିଁ। ତେଣୁ ନ୍ୟାୟ ପ୍ରଦାନ ସହ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବା ଦାବିରେ ପରିବାର ସଦସ୍ୟମାନେ ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ କର୍ମକର୍ତ୍ତାଙ୍କ ସହଯୋଗରେ ଏସପିଙ୍କୁ ଭେଟିଥିଲେ।

**୨ ବର୍ଷ ହେଲା କରାଯାଇଛି ବାସନ୍ଦ**

ଆଙ୍କୁଶପୁରରେ ୪୦୦ରୁ ଅଧିକ ହଳଦିଆ ବୈଶ୍ୟ ତୈଳିକ ସମାଜର ପରିବାର ବସବାସ କରୁଛନ୍ତି। ସେଥିମଧ୍ୟରୁ ୫୦ ପରିବାରକୁ ବାସନ୍ଦ କରି ରଖାଯାଇଛି। ନିଜ ଜାତିର ଲୋକମାନେ ଆଇନ ଉଲ୍ଲଙ୍ଘନ କରି କଙ୍ଗାରୁ କୋର୍ଟ ଚଳାଉଛନ୍ତି। ମନଇଚ୍ଛା ଜରିମାନା ପକାଉଛନ୍ତି ବୋଲି ଅଭିଯୋଗ ହୋଇଛି। ସାମାଜିକ ବାସନ୍ଦର ଶିକାର ହୋଇଥିବା ଏହି ପରିବାର ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ସେମାନେ ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ ସହାୟତାରେ ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବା ସହ ଓଡିଶା ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଛନ୍ତି। ସାମାଜିକ ବାସନ୍ଦ ଲୋକଙ୍କ ଜୀବିକାକୁ କ୍ଷୁର୍ଣ୍ଣ କରେ ନାହିଁ ବରଂ ସେମାନଙ୍କର ମୌଳିକ ମାନବିକ ଅଧିକାରକୁ ମଧ୍ୟ ଉଲ୍ଲଂଘନ କରୁଛି ବୋଲି ସ୍ଥାୟୀ ବିକାଶ ଲକ୍ଷ୍ୟର ସଭାପତି ରବୀନ୍ଦ୍ର ମିଶ୍ର କହିଛନ୍ତି। ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ବାସନ୍ଦ ପ୍ରଥାକୁ ସମାଜରୁ ହଟାଇବାକୁ ପଡିବ ବୋଲି ସେ କହିଛନ୍ତି। ଏସପିଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସଚିବ ଉମାଶଙ୍କର ସାହୁ, ଉପଦେଷ୍ଟା ପ୍ରଫେସର ଏସ.ଏନ. ତ୍ରିପାଠୀ ଏବଂ ପ୍ରଦୀପ ବେଉରା, ନାରାୟଣ ପ୍ରଧାନ, କପିଳ ବେହେରା, କୀର୍ତ୍ତନ ସାହୁ, କାମାନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୯ରୁ ଜିଲା ଗ୍ରୀଷ୍ମକାଳୀନ ବକ୍ସିଂ ଶିବିର

ବ୍ରହ୍ମପୁର,୧୭।୫(ଅଶୋକ କୁମାର ସାହୁ): ଗଞ୍ଜାମ ଜିଲା କ୍ରୀଡା ସଂସଦ ତରଫରୁ ଆସନ୍ତା ୧୯ ତାରିଖରୁ ଗ୍ରୀଷ୍ମକାଳୀନ ବକ୍ସିଂ ଶିବିର ଆରମ୍ଭ ହେବ। ଏଥିରେ ୧୬ବର୍ଷରୁ କମ ବୟସର ବାଳିକାବାଳକ ଯୋଗଦେବା ନିୟମ ରହିଛି। ଯେଉଁମାନେ ଶିବିରରେ ଯୋଗଦେବାକୁ ଇଚ୍ଛୁକ ସେମାନେ ଉକ୍ତଦିନ ସକାଳ ୭ଟାରେ ବ୍ରହ୍ମପୁର ଷ୍ଟାଡିୟମରେ ପହଞ୍ଚିବା ଦରକାର। ସେଠାରେ କେ.ପ୍ରଭାକର ରାଓ ଓ ବକ୍ସିଂ କୋଚ ଶିଶିର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଶିବିରରେ ଯୋଗଦେଇପାରିବେ ବୋଲି ଜିଲା କ୍ରୀଡା ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଜଣାଇଛନ୍ତି।

# ବାଲିଛାଇ, ଦେବଭୂମି ପଞ୍ଚାୟତରେ ବିଜେଡିର ପ୍ରଚାର

ଆସିକା,୧୭।୫(ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକର ବାଲିଛାଇ ଓ ଦେବଭୂମି ପଞ୍ଚାୟତରେ ବିଜେଡି ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ଶୁକ୍ରବାର ଜୋରଦାର ପ୍ରଚାର କରାଯାଇଛି। ବାଲିଛାଇ ପଞ୍ଚାୟତର ନିରାଳ, ରିଷିପୁର, ବାଲିଛାଇ, ଝଗଡାଇ ଏବଂ ଦେବଭୂମି ପଞ୍ଚାୟତର କର୍ପୂରନୂଗାଁ, କେ.ନୂଆପଲ୍ଲୀ, ଦେବଭୂମି, ମାମୁଁଡିହ ଓ କାଳଷଣ୍ଢପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମରେ ମଞ୍ଜୁଳା ତାଙ୍କ ସମର୍ଥକ ଓ ସିନେତାରକା ବାବୁସାନ ଏବଂ ଏଲିନାଙ୍କ ଗହଣରେ ବୁଲି ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସେ ନବୀନ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଆଗାମୀ ଦିନରେ ସମାଜର ବିଭିନ୍ନ ବର୍ଗର ସ୍ୱାର୍ଥ ରକ୍ଷା ଲାଗି ବିଜେଡି ଦେଇଥିବା ୫ଟି ଗ୍ୟାରେଣ୍ଟି ହାସଲ ନିମନ୍ତେ ଜନସାଧାରଣ ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ଓ ଏମ୍‌ପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରି ନବୀନବାବୁଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, ଭଗବାନ ସାହୁ, ଶିବ ନାହାକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଜିଲ୍ଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିଲ କୁମାର ନାୟକ, ରାଜେଶ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ପରିଡା, ଅଜିତ ଚୌଧୁରୀ, ସନ୍ତୋଷ କୁମାର ପୋଲାଇ, ଜୟସେନ ସ୍ୱାଇଁ, ଦେବାଶିଷ ପଣ୍ଡା, ସରପଞ୍ଚ ଅଶାନ୍ତି ବେହେରା, ସମିତିସଭ୍ୟା ଲକ୍ଷ୍ମୀ ବେହେରା, ବିଦ୍ୟାନ୍ତ ଚର୍ଚ୍ଚି, ପୂର୍ବତନ ସରପଞ୍ଚ ବିଜୟ କୁମାର ଦଳାଇ, ପୂର୍ବତନ ସମିତିସଭ୍ୟ ସନ୍ତୋଷ ନାହାକ, ପୂର୍ବତନ ଜିଲାପରିଷଦ ସଦସ୍ୟ ଗୌରହରି ବେହେରା, ଭଗବାନ ପ୍ରଧାନ, ନନ୍ଦି ବିଷୋୟୀ, ବିଜୟ ନାହାକ, ରବିନ୍ଦ୍ର ସାମଲଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ।



ପ୍ରଚାର ଶୋଭାଯାତ୍ରାରେ ସିନେ ତାରକାଙ୍କ ଗହଣରେ ବିଧାୟିକା ପ୍ରାର୍ଥିନୀ।

# ରାତି ଅଧରେ ଲୁଗାବଣ୍ଟା, ପୋଲିସର ଚଢ଼ାଉ

ପୋଲସରା,୧୭।୫(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ଗ୍ରାମ ପଞ୍ଚାୟତ ସ୍କୁଲ ସାହିରେ ଗୁରୁବାର ବିଳମ୍ବିତ ରାତିରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଲୁଗା ବଣ୍ଟାଯାଉଥିଲା। ଏକ ଗାଡ଼ିରେ ଲୁଗା ଆସି ବଣ୍ଟନ ହେଉଥିବା ପୋଲସରା ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ତେବେ ପୋଲିସ ଆସିବା ପୂର୍ବରୁ ଦୁଇ ବସ୍ତା ଲୁଗା ବଣ୍ଟା ସରିଥିବା ଶୁଣାଯାଉଛି। ଗାଡ଼ି ଭିତରେ ଆହୁରି କିଛି ଲୁଗା ସହିତ ଅନ୍ୟ କିଛି ଜିନିଷ ରହିଥିବା ପୋଲସରା ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

# କଂଗ୍ରେସ ପ୍ରାର୍ଥୀ ଚିତ୍ରସେନଙ୍କ ପ୍ରଚାର



ପ୍ରାର୍ଥୀ ଚିତ୍ରସେନ ବେହେରା ଲୋକଙ୍କୁ ଭେଟୁଛନ୍ତି।

ପୁରୁଷୋତ୍ତମପୁର,୧୭।୫(ସିମାଞ୍ଚଳ ମିଶ୍ର) ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ କଂଗ୍ରେସରୁ ଚିତ୍ରସେନ ବେହେରା ପ୍ରଥମ ଥର ପ୍ରାର୍ଥୀ ହୋଇଛନ୍ତି। ସେ ଘରକୁ ଘର ଯାଇ ଭୋଟରଙ୍କୁ ବିଜେଡି, ଭାଜପାର ଦୁର୍ନୀତି ବିଷୟରେ କହୁଛନ୍ତି। ଜିତିବା ହାରିବା ବଡ କଥା ନୁହେଁ, ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ଓ ସେବା ଯୋଗାଇଦେବା ମୋର ଏକମାତ୍ର ଲକ୍ଷ୍ୟ। ଜନସାଧାରଣ ଯଦି ମୋତେ ଆଶୀର୍ବାଦ କରି ଜିତାଇବେ ସମଗ୍ର ପୁରୁଷୋତ୍ତମପୁର ଓ ଖଲ୍ଲିକୋଟ ଅଞ୍ଚଳର ଚାଷୀକୁଳ ସହ ଲୋକଙ୍କ ସାମଗ୍ରିକ ବିକାଶ କରିବେ ବୋଲି ଚିତ୍ରସେନ କହିଛନ୍ତି। ବରିଷ୍ଠ ନେତା ମନୋରଞ୍ଜନ ଦାଶ, ମାଧବାନନ୍ଦ ଦାଶ, ଜଗନ୍ନାଥ ବେହେରା, ସୁଶାନ୍ତ ଗୌଡ, ସୋନୁ ମହାରଣାଙ୍କ ସମେତ ବହୁ କର୍ମୀ କଂଗ୍ରେସକୁ ଜିତାଇବା ପାଇଁ ଲାଗିପଡିଛନ୍ତି।

# ରଞ୍ଜିତାଙ୍କ ପାଇଁ ସମ୍ମାନର ପ୍ରଶ୍ନ

ବ୍ରହ୍ମପୁର,୧୭।୫(ଅଶୋକ କୁମାର ସାହୁ):

**ଆସିକା ଲୋକ ସଭା ଆସନ**

ଗଞ୍ଜାମରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ସୋମବାର ହେବ। ଏହି ପର୍ଯ୍ୟାୟରେ ଆସିକା ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଆସନ ଲାଗି ମତଦାନ ହେବ। ଲୋକ ସଭା ଆସନ ପାଇଁ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୩ ପ୍ରମୁଖ ଦଳ ବିଜେଡିରୁ ରଞ୍ଜିତା ସାହୁ, ଭାଜପାରୁ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ କଂଗ୍ରେସରୁ ଦେବକାନ୍ତ ଶର୍ମା ପ୍ରାର୍ଥୀ ହୋଇଛନ୍ତି। ରଞ୍ଜିତା ଓ ଦେବକାନ୍ତ ହେଉଛନ୍ତି ନୂଆ। ତେବେ ଏଠାରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି। ରାଜନିତୀରେ ଅନଭିଜ୍ଞତା ରଞ୍ଜିତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ଅନିତା ଶୁଭଦର୍ଶିନୀ ଗତଥର ଭାଜପାରୁ ପ୍ରାର୍ଥୀ ହୋଇଥିବାରୁ ସେ ଅଳ୍ପେବହୁତେ ଲୋକଙ୍କ ମନରେ ଅଛନ୍ତି।

ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀରେ ସୋରଡ଼ା, ଆସିକା, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ହିଞ୍ଜିଳି ଓ ପୋଲସରା ବିଧାନସଭା କ୍ଷେତ୍ର ରହିଛି। ଏଠାରେ ୧୬ ଲକ୍ଷ ୧୨ ହଜାର ୪୦୩ ଭୋଟର ଅଛନ୍ତି। ସେଥି ମଧ୍ୟରୁ ୮,୪୧, ୨୪୦ଜଣ ପୁରୁଷ ଭୋଟର, ୭,୭୧,୦୨୩ ଜଣ ମହିଳା ଭୋଟର ଓ ୧୪୦ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ରଞ୍ଜିତା ରାଜନୈତିକ ପରିବାରରୁ ଆସିଛନ୍ତି। ତାଙ୍କ ବାପା ହରପ୍ରସାଦ ସାହୁ ଓ ମା' ସୁନିତାପ୍ରଭା ସାହୁ ଉଭୟେ କୋଦଳା ଏନଏସିର ପୂର୍ବତନ ଅଧ୍ୟକ୍ଷ। କେବଳ କୋଦଳା ଏନ୍‌ଏସି ଓ କବିସୂର୍ଯ୍ୟନଗର ଏନ୍‌ଏସିରେ ଏମାନଙ୍କ ପରିଚୟ ରଞ୍ଜିତାଙ୍କୁ ସୁହାଇବ। ତେଣୁ ତାଙ୍କୁ କବିସୂର୍ଯ୍ୟନଗର ଆସନରୁ କିଛି ଭୋଟ ମିଳିପାରେ ବୋଲି କୁହାଯାଉଛି। ଆଉ ୬ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନରେ ତାଙ୍କର ସେଭଳି ସମ୍ପୃକ୍ତି ନ ଥିବା ଓ ଅନଭିଜ୍ଞତା ବାଧାଦେବା ସମ୍ଭାବନା ରହିଛି ବୋଲି ଏହି ଆସନ ପାଇଁ ଆଶାୟୀ ଥିବା ଦଳର କେତେଜଣ ପୁରୁଖା ନେତା ଓ ରାଜନୈତିକ ସମୀକ୍ଷକ ମହଲରେ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ବିଜେଡି ପ୍ରମିଳା ବିଷୋୟୀଙ୍କୁ ପ୍ରାର୍ଥୀ କରିଥିଲା। ସେ ରାଜନୀତିରେ ଅନଭିଜ୍ଞ ଥିଲେ ଓ ତାଙ୍କୁ କେହି ଜାଣି ନ ଥିବାବେଳେ ନବୀନଙ୍କ ଭରସାରେ ଜିତି ଯାଇଥିଲେ। କିନ୍ତୁ ସଂସଦରେ ଅଞ୍ଚଳର ସମସ୍ୟାକୁ ଉପସ୍ଥାପନ କରିବାରେ ତାଙ୍କର ସେଭଳି ଅଭିଜ୍ଞତା ନ ଥିବାରୁ ଭୋଟରଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଦଳ ଏହା ଅବଗତ ହୋଇଥିବାରୁ ଯୁବ ଶିକ୍ଷିତା ରଞ୍ଜିତା ସାହୁଙ୍କୁ ପ୍ରାର୍ଥୀ କରିଛି। ଗତ ନିର୍ବାଚନର ପରିସଂଖ୍ୟାନକୁ ଦେଖି ରଞ୍ଜିତା ବି ଏଥର ନିର୍ବାଚନ ଜିତିବା ପାଇଁ ଆଶାବାଦୀ ହୋଇପଡିଥିବାବେଳେ ସେ ଅନଭିଜ୍ଞ ଥିବାରୁ ଅଞ୍ଚଳର ସମସ୍ୟାକୁ ସଂସଦରେ ଉପସ୍ଥାପନ କରିବାରେ ସକ୍ଷମ ହେବେ କି ନାହିଁ ତାକୁ ନେଇ ଭୋଟର ଦ୍ୱନ୍ଦ୍ୱରେ ପଡିଛନ୍ତି। ତେଣୁ ତାଙ୍କ ପାଇଁ ଆସିକା ଲୋକ ସଭା ଆସନ ସମ୍ମାନର ପ୍ରଶ୍ନ ହୋଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନର ନାରା ଓ ଓଡ଼ିଶାକୁ ତାଙ୍କ ସହିତ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ରଞ୍ଜିତାଙ୍କ ପାଇଁ କଣ୍ଟା ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

